## ଆଜି କ'ଣ କେଉଁଠି

ବ୍ରହ୍ମପୁର

- କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ। ସ୍ଥାନ-ଶ୍ରମ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା।

# ଆଜି ମତଦାନ, ମତ ସାବ୍ୟସ୍ତ କରିବେ ୭୧୭୧ ଭୋଟର

## ଗୋକର୍ଣ୍ଣପୁର ସମିତି ସଭ୍ୟ ଉପ ନିର୍ବାଚନ

ଦିଗପହଣ୍ଡି,୮।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ସମିତି ସଭ୍ୟ ପଦବୀ ନିମନ୍ତେ ଉପ ନିର୍ବାଚନ ପାଇଁ ମଙ୍ଗଳବାର ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ବୁଧବାର ସକାଳୁ ଆରମ୍ଭ ହେବ ମତଦାନ। ଏଥି ନିମନ୍ତେ ପଞ୍ଚାୟତ ଅଧୀନ ଗୋକର୍ଣ୍ଣପୁର, ଅନଙ୍ଗପୁର, ଦକ୍ଷିଣପୁର, ପିତାମ୍ବରପୁର, ନରସିଂହପୁର, ବିଜୟ ପଦ୍ମନାଭପୁର ଆଦି ଗାଁର ୨୦ ମତଦାନ କେନ୍ଦ୍ରରେ ପୁଲିଂ ଅଫିସରମାନେ ପହଞ୍ଚି ଭୋଟରଙ୍କ ମତଦାନ ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବା ସହ ସଜାଗ ରହିଛନ୍ତି। ୩୪୫୧ ମହିଳା ଏବଂ ୩୭୨୦ ପୁରୁଷ ସମୁଦାୟ ୭୧୭୧ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ ବୋଲି ଜଣାପଡିଛି। ଭୋଟଦାନ କେନ୍ଦ୍ର ଗୁଡ଼ିକରେ ସମୁଦାୟ ୪୪ ଜଣ ପୁଲିଂ ଅଫିସର, ୨୨ ପ୍ରିଜାଇଡିଙ୍ଗ ଅଫିସର, ପୋଲିସ କର୍ମଚାରୀ ନିୟୋଜିତ ରହିଥିବା ବେଳେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଛି। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଡ. ଚିତ୍ତରଞ୍ଜନ ଦାସ ଏବଂ ଏବିଡିଓ ପ୍ରଶାନ୍ତ କୁମାର ରଥ ସମସ୍ତ ମତଦାନ କେନ୍ଦ୍ର ପରିଦର୍ଶନ କରି ଫେରିଥିବା ଜଣାପଡିଛି।

# ୧୨ ରୋଡ ରୋମିଓ ଅଟକ, ୭ ବାଇକ୍ ଜବତ

ବୁଗୁଡା,୮।୮(କାଳି ଚରଣ ଦାଶ)

ବୁଗୁଡା ସହରରେ ରୋଡ ରୋମିଓଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ପୋଲିସ ମଙ୍ଗଳବାର ସହରର ବିଭିନ୍ନ ଗଳି କନ୍ଦିରେ ପଶି ୧୨ ଯୁବକଙ୍କୁ ଧରିବା ସହ ସେମାନଙ୍କଠାରୁ ୭ ବାଇକ୍ ଜବତ କରିଛି। ପରେ ଯୁବକ ମାନଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚୁରା କରିବା ପରେ ସେମାନଙ୍କ ଅଭିଭାବକ ମାନଙ୍କୁ ଡାକି ଅଣ୍ଡର ଟେକିଂ ଲେଖା ଯାଇ ଯୁବକ ମାନଙ୍କୁ ତାଗିଦ୍ କରାଯାଇ ଛଡାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଏଭଳି ଧରପଗଡ ଦ୍ୱାରା ରୋଡ ରୋମିଓଙ୍କ ମଧ୍ୟରେ ଛନକା ପଶିଛି।

# ବିଦ୍ୟାଳୟରେ ପୋଷାକ ବିତରଣ

ବେଲଗୁଣ୍ଠା,୮।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶିବରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ପ୍ରାକ୍ତନ ସିଆରସିସି ବାଳକୃଷ୍ଣ ସାବତ, ପଞ୍ଚାନନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୋଷାକ ବିତରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା କୁମାରୀ ନନ୍ଦ, ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଦାସ, ଅଳକା କୁମାରୀ ମହାପାତ୍ର, ପିଙ୍କି ଦଳାଇ, ଦୀପା ପ୍ରଧାନ, ସ୍ମିତା ନାୟକ, ଶିକ୍ଷକ ଆକୁଳ ସାହୁ, ସନିତ କୁମାର ଜେନା, ଶିବରାମ ମହାନ୍ତି, ସତ୍ୟନାରାୟଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ଗୌଡ଼, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୨୦୨୭ ସୁଦ୍ଧା ଫାଇଲେରିଆ ମୂଳୋତ୍ପାଟନ କରିବାକୁ ଆହ୍ୱାନ

## ୧୦ରୁ ସାମୂହିକ ଔଷଧ ସେବନ

ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ

ଗଞ୍ଜାମ ଜିଲାରୁ ୨୦୨୭ ସୁଦ୍ଧା ଫାଇଲେରିଆ ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଜିଲାର ମୋଟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସାମୂହିକ ଔଷଧ ସେବନ କରିବେ। ଆସନ୍ତା ୧୦ ତାରିଖଠାରୁ ସାମୂହିକ ଔଷଧ ସେବନ କାର୍ଯ୍ୟ ଆରମ୍ଭ ହେବ ବୋଲି ସିଟି ହସ୍ପିଟାଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉମାଶଙ୍କର ମିଶ୍ର କହିଛନ୍ତି। ସାମୂହିକ ଔଷଧ ସେବନ ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ସହ ଏହାର ବହୁଳ ପ୍ରଚାର ପ୍ରସାର କରିବାକୁ କହିଥିଲେ। ୨୦୨୭ ସୁଦ୍ଧା ଗଞ୍ଜାମରୁ ଫାଇଲେରିଆ ମୂଳୋତ୍ପାଟନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଏହି ଅଭିଯାନ ନିମନ୍ତେ ବହୁଳ ପରିମାଣର ଔଷଧ ମହଜୁଦ୍ ରହିଛି। ଅତ୍ୟାଧୁନିକ ମେଡ଼ିସିନ୍ ଜାପାନ୍ ଓ ଫ୍ରାନ୍ସରୁ ଆସିଛି। ଚଳିତବର୍ଷ ବ୍ରହ୍ମପୁର ମହାନଗର ନିଗମ ସମେତ ଛତ୍ରପୁର, ଭଞ୍ଜନଗର ଓ ଚିକିଟି ବ୍ଲକକୁ ଏହି ଅଭିଯାନରୁ ବାଦ୍ ଦିଆଯାଇଛି। ସରକାରୀ ଗାଇଡଲାଇନ ଅନୁସାରେ ଏସବୁଠାରେ ୫ ଥର ଔଷଧ ବଣ୍ଟନ ହୋଇଥିବା ଓ ଫାଇଲେରିଆ ଲକ୍ଷଣ ଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ ଥିବାରୁ ସାମୁହିକ ଔଷଧ ସେବନ କରାଯିବନି। ଏହାବ୍ୟତୀତ ଜିଲାର ଅନ୍ୟ ୧୯ଟି ବ୍ଲକ, ୧୪ଟି ଏନ୍ଏସି ଓ ୪୧୮ଟି ଗ୍ରାମ ପଞ୍ଚାୟତରେ ସାମୂହିକ ଔଷଧ ସେବନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପାଦନା ନିମନ୍ତେ ୧୨,୬୬୮ଜଣ ସ୍ୱାସ୍ଥ୍ୟକର୍ମୀ, ଆଶା ପ୍ରମୁଖଙ୍କ ସମେତ ୧୨୭୬ ଜଣ ସୁପରଭାଇଜର ନିୟୋଜିତ ରହିଛନ୍ତି। ସେହିଭଳି ଡ଼ିପିଏଚ୍‌ଓ ଡ଼ାକ୍ତର ଜଗଦୀଶ ପଟ୍ଟନାୟକ, ଏଡ଼ିପିଏଚ୍‌ଓ ଡ଼ା. ମନୋଜ କୁମାର ପଣ୍ଡା, ଡ଼ା. ଅନବୀ କୁମାର ପାତ୍ର ଯୋଗଦେଇ ସାମୂହିକ ଔଷଧ ସେବନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ଏହି କାର୍ଯ୍ୟକ୍ରମକୁ ଅଭିନବ ଉପାୟରେ ପରିଚାଳନା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଔଷଧ ଖୁଆଯିବ। ସମସ୍ତେ ଡ଼ିଇସି, ଆଇଭରମେକ୍ଟିନ୍ ଓ ଆଲବେଣ୍ଡାଜୋଲ୍ ବଟିକା ଖାଇବା ଜରୁରୀ ବୋଲି ମିଶ୍ର କହିଛନ୍ତି। ସେହିପରି ଚଳିତବର୍ଷ ସମସ୍ତ ସରକାରୀ, ବେସରକାରୀ, ସ୍କୁଲ ଓ କଲେଜ୍ ସମେତ ସମସ୍ତ କାର୍ଯ୍ୟାଳୟ ଓ କାରାଖାନାକୁ ମଧ୍ୟ ସାମିଲ କରାଯାଇଛି। ୧୦ରୁ ୧୯ ତାରିଖ ମଧ୍ୟରେ ଏହି ଅଭିଯାନରେ ନିୟୋଜିତ ଥିବା ଆଶାକର୍ମୀ ଓ ସ୍ୱେଚ୍ଛାସେବୀମାନେ ଔଷଧ ଖୁଆଇବେ ବୋଲି ଖବରଦାତା ସମ୍ମିଳନୀରେ ମତପ୍ରକାଶ ପାଇଛି। ସେହିଭଳି ୨ରୁ କମ୍ ବର୍ଷର ଶିଶୁ, ଗର୍ଭବତୀ ଓ ସାଂଘାତିକ ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଏହି ଔଷଧ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଜିଲା ସଂଯୋଜକ ସୁଜିତ କୁମାର କାର୍ଜିଙ୍କ ସଂଯୋଜନାରେ ଖବରଦାତା ସମ୍ମିଳନୀ ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ଚନ୍ଦନ



@ ପୂଜା



@ ସୋନୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ନାବାଳକଙ୍କୁ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା

■ ପୀଡ଼ିତଙ୍କୁ ୪ ଲକ୍ଷ ଦେବାକୁ ଡିଏଲ୍ଏସ୍ଓଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)



ଦୋଷୀ ସୌମ୍ୟରଞ୍ଜନ ପାଢ଼ୀ ।

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତ ସୌମ୍ୟରଞ୍ଜନ ପାଢ଼ୀ ଓରଫ କାଳିଆ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପାଇଁ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଅକ୍ଟୋବର ୧୪ ତାରିଖ ଅପରାହ୍ନ ୫ଟାରେ ପୋଲସରା ଥାନା ଅଞ୍ଚଳର ଏକ ସ୍କୁଲ ପଡ଼ିଆରେ ଜଣେ ୧୨ ବର୍ଷୀୟ ନାବାଳକ ଖେଳୁଥିଲେ। ଏହି ସମୟରେ କାଳିଆ ବାଇକ୍‌ରେ ଆସି ତାଙ୍କୁ ସେଠାରୁ କୌଶଳକ୍ରମେ ଅପହରଣ କରି ନିକଟସ୍ଥ କାଜୁ ତୋଟାକୁ ନେଇ ଯାଇଥିଲେ। ସେଠାରେ କାଳିଆ ନାବାଳକଙ୍କ ସହ ବଳପୂର୍ବକ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ପରେ ବାଇକ୍‌ରେ ତାଙ୍କୁ ଆଉ ଏକ ସ୍ଥାନକୁ ନେଇ ପୁଣି ଅପ୍ରାକୃତିକ ଯୌନସମ୍ପର୍କ ରଖିବା ପାଇଁ ଉଦ୍ୟମ କରିବାରୁ ନାବାଳକ ଜଣଙ୍କ ଚିତ୍କାର କରିଥିଲେ। ଲୋକେ ଆସିଯିବା ଦେଖି ନାବାଳକଙ୍କୁ ଛାଡ଼ି କାଳିଆ ବାଇକ୍‌ରେ ସେଠାରୁ ଖସି ପଳାଇଥିଲେ। ନାବାଳକ ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ କହିଥିଲେ। ଏ ନେଇ ପୋଲସରା ଥାନାରେ ଅଭିଯୋଗ ପ୍ରକାରେ ନଂ.୨୨୬/୧୯ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରଦିନ କାଳିଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ପୋଲସରା ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୨୧ ଫେବୃୟାରୀ ୪ରେ କାଳିଆଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହେବାରୁ କାଳିଆଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା। ପୋଲିସ ଏନ୍‌ବିଡବ୍ଲ୍ୟୁ ବଳରେ ୨୦୨୨ ଅଗଷ୍ଟ ୧୧ରେ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାସେ ପରେ ପୁଣି ସେ ଜାମିନରେ ବାହାରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୭ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ଶିଙ୍ଗାରି ମାମଲା ପରିଚାଳନା କରୁଥିଲେ।

# ମୃତ ମିଟର ରିଡରଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦାବି

ବ୍ରହ୍ମପୁର,୮।୮(ସ୍ମୃତି ରଞ୍ଜନ ମହାଲିକ)

ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କୁ ତାରସିଂ ଥାନା ଅନ୍ତର୍ଗତ କୃପାଟି ଗ୍ରାମରେ ସୋମବାର ଜଣେ ଉପଭୋକ୍ତା ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଏହା ରାଜ୍ୟରେ ଆଲୋଡନ ଖେଳାଇବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତେବେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଲ୍‌ରେ ମନୁଷ୍ୟକୃତ ତ୍ରୁଟି, ବାରମ୍ବାର ପାୱାର କଟ, ବିଭିନ୍ନ ଉପାୟରେ ଉପଭୋକ୍ତାଙ୍କୁ ଶୋଷଣ ଯୋଗୁ କାର୍ଯ୍ୟରତ କର୍ମଚାରୀମାନେ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହେଉଥିବା ସଂଘ ଅଭିଯୋଗ କରିଛି। ତେଣୁ ଟାଟା କର୍ତ୍ତୃପକ୍ଷ କର୍ମଚାରୀଙ୍କ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏଥିସହ ସ୍ୱର୍ଗତ ତ୍ରିପାଠୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ସ୍ଥାୟୀ ଚାକିରି ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସଭାପତି ପ୍ରଶାନ୍ତ ମହାପାତ୍ର, ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ଓ ସୂର୍ଯ୍ୟ ନାରାୟଣ ବିଶୋୟୀ ଚେତାବନୀ ଦେଇଛନ୍ତି।

# ୨ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ

## ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର,୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଲେଖ କୁମାର ପ୍ରଧାନ ମଙ୍ଗଳବାର ଏକ ହତ୍ୟା ଉଦ୍ୟମ ମାମଲାର ୨ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପୁରୁଣା ଖଜୁରିଆର କାଳିଆ ସେଠୀ (୨୭) ଓ ସୁନିଲ ନାହାକ (୨୮)। ଏଥିସହ ଉଭୟେ ୫ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୧୬ ଜାନୁୟାରୀ ୩ ତାରିଖରେ ଗେଷାଣୀନୂଆଗାଁର ମନୋଜ ନାହାକ(୨୮) କୌଣସି କାମରେ ଖଜୁରିଆ ଯାଉଥିଲେ। ରାସ୍ତାରେ କାଳିଆ ଓ ସୁନିଲ ତାଙ୍କୁ ଅଟକାଇ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମନୋଜଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ମନୋଜଙ୍କ ବାପା ରାମହରି ନାହାକ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଆଇ ସୌଦାମିନୀ ବେହେରା ଚାର୍ଜଶିଟ ଦାଖଲ କରିଥିଲେ। ପରେ କାଳିଆ ଓ ସୁନିଲ ଜାମିନରେ ଛାଡ଼ ପାଇଥିଲେ। ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଭି. ପ୍ରସନ୍ନ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

## ମହାମାୟୀ ମହିଳା ମହାବିଦ୍ୟାଳୟ

ବ୍ରହ୍ମପୁର,୮।୮(ତନୁଶ୍ରୀ ନାହାକ)



ସ୍ୱାସ୍ଥ୍ୟ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ଓ ଅଧ୍ୟାପିକା

ମହାମାୟୀ ମହିଳା ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ପକ୍ଷରୁ ମଙ୍ଗଳବାର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷା କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼.ସ୍ୱାତୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ମୋ କଲେଜ ଅଭିଯାନ ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାନସିକ ରୋଗୀ କେତେପ୍ରକାର, ଏହାର ଲକ୍ଷଣ ଏବଂ ଭଲ ହେବା ନିମନ୍ତେ ଥିବା ବିଭିନ୍ନ ପ୍ରକାର ଉପଚାର ସମ୍ପର୍କରେ ମୁଖ୍ୟବକ୍ତା ସଚେତନ କରାଇଥିଲେ। ଛାତ୍ର ଜୀବନରେ ପରୀକ୍ଷା, କ୍ୟାରିୟର ସମ୍ପର୍କିତ ଚିନ୍ତାରୁ କିପରି ମାନସିକ ଅବସାଦ ସୃଷ୍ଟି ହୋଇଥାଏ ସେ ସମ୍ପର୍କରେ କହିବା ସହ ଏଥିରୁ କିଭଳି ମୁକ୍ତି ମିଳିବ ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ.ଜୟନ୍ତୀ ରାଣୀ ପଣ୍ଡା ମଞ୍ଚାସୀନ ଥିଲେ। ମନୋବିଜ୍ଞାନ ଅଧ୍ୟାପକ ଡ. ସୁଦର୍ଶନ ବେହେରା ସମ୍ୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ରହିଥିଲେ।

# ରବି ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର,୮।୮(ନରସିଂହ ସାହୁ)

ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବ୍ରହ୍ମପୁରରେ ସ୍ୱର୍ଗତ ରବି ମହାପାତ୍ରଙ୍କ ୪୯ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ୧୯୭୪ ଅଗଷ୍ଟ ୮ରେ ଅନ୍ନପୂର୍ଣ୍ଣା ବଜାର ଛକରେ ଏକ ରାଜନୈତିକ ହତ୍ୟାର ଶୀକାର ହୋଇଥିଲେ ରବି ମହାପାତ୍ର। ଏହି ବୀଭତ୍ସ କାଣ୍ଡ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା। ଯେଉଁ ସ୍ଥାନରେ ହତ୍ୟା କରାଯାଇଥିଲା ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଅନେକ କଂଗ୍ରେସ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନୀରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ପିଇଓଙ୍କ କଳାବ୍ୟାଜ୍ ପରିଧାନ

ବୁଗୁଡା,୮।୮(କାଳି ଚରଣ ଦାଶ)



କଳାବ୍ୟାଜ୍ ପରିଧାନ କରିଥିବା ପିଇଓମାନେ।

ବୁଗୁଡା ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ମାନେ ୨ ଦଫା ଦାବି ପୂରଣ ପାଇଁ କଳାବ୍ୟାଜ୍ ପରିଧାନ କରିଛନ୍ତି। ଦାବି ପୂରଣ ନ ହେଲେ ୧୮ ତାରିଖରୁ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପଦବୀ ଲାଗି ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ପରିବର୍ତ୍ତେ ଯୁକ୍ତ ୩ କରିବା ଏବଂ ଦରମା ହାର ୨୧ହଜାର ୭ ଶହ ପରିବର୍ତ୍ତେ ୩୫ ହଜାର ୪ ଶହ କରିବା, ୧୦ ବର୍ଷ ଏହି ପଦବୀରେ ରହି କାମ କରିଥିବା ପିଇଓଙ୍କୁ ନୂତନ ଜିପିଡିଓ ପଦବୀ ସୃଷ୍ଟି କରି ଶତ ପ୍ରତିଶତ ପଦୋନ୍ନତି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୁଗୁଡା ବ୍ଲକ ପିଇଓ ସଂଘର ଉପଦେଷ୍ଟା ମନୋଜ କୁମାର ସାହୁ ଓ ବାଳକୃଷ୍ଣ ଜେନା, ସଭାପତି ସୁବ୍ରତ କୁମାର ଗଡନାୟକ, ସଂପାଦକ ପ୍ରଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ୧୫ ଜଣ ପିଇଓ କଳାବ୍ୟାଜ୍ ପରିଧାନ କରିଛନ୍ତି।

# ଗ୍ରାମୀଣ ନାଟ୍ୟ କଳା ଶାସ୍ତ୍ରୀୟ କଳାର ମୂଳଧାର




ନାଟ୍ୟ ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୮।୮(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ଗ୍ରାମୀଣ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଡା ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ନାଟ୍ୟ ତତ୍ତ୍ୱବିତ ମେଜର ରାମାରମଣ ପାଢ୍ୀ, ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ପତି, ନବରଙ୍ଗପୁର ବରିଷ୍ଠ କଳାକାର ସଂଘ ସଭାପତି ପେଣ୍ଡ୍ରା ପ୍ରସାଦ ନାୟକ, ଜିଲା କଳାକାର ସମ୍ମିଳନୀ ସଭାପତି କେ. ବଳରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମୀଣ ନାଟ୍ୟ କଳା ଶାସ୍ତ୍ରୀୟ କଳାର ମୂଳଧାର ବୋଲି ଅତିଥିମାନେ କହିଥିଲେ। ସଂଘର ସଂପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଗାଙ୍ଗ ଦହଣୀ ମହାମାୟୀ ନାଟ୍ୟ ସଂଘ ପ୍ରଯୋଜିତ ତଥା ଗୁରୁ ସଞ୍ଜୟ କୁମାର ବିଷୋୟୀଙ୍କ ନିର୍ଦ୍ଦେଶିତ ନାଟକ 'ମହାଦାନୀ କର୍ଣ୍ଣ' ପରିବେଷଣ ହୋଇଥିଲା।

# ନକଲି ଡାକ୍ତରଙ୍କ କବ୍‌ଜାରେ ଗ୍ରାମାଞ୍ଚଳ

## ସ୍ୱାସ୍ଥ୍ୟ ବିଭାଗ ନିରବଦ୍ରଷ୍ଟା

ଗୋପାଳପୁର,୮।୮(ନବୀନ ରାଜ ଆଚାରୀ)

କେନ୍ଦ୍ର ଓ ରାଜ୍ୟ ସରକାର ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିଭଳି ଉତ୍ତମ ସେବା ମିଳିବ ସେ ନେଇ ଉଚ୍ଚ ପଦାଧିକାରୀମାନେ ଘନ ଘନ ବୈଠକ ମଧ୍ୟ କରୁଛନ୍ତି। ଏପଟେ କିନ୍ତୁ ଗ୍ରାମାଞ୍ଚଳଗୁଡିକ ନକଲି ଡାକ୍ତରଙ୍କ କବ୍‌ଜାରେ ଥିବା ଦେଖାଯାଉଛି। ଗୋପାଳପୁର ଓ ଗୋଳନ୍ଥରା ଥାନା ଅଞ୍ଚଳରେ ଏଭଳି ଚାଲିଥିବା ବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ନୀରବଦ୍ରଷ୍ଟା ସାଜିଛି। କେଲୁଆପଲୀ ଗ୍ରାମରେ ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହାର ଅଧୀନରେ ସୁନାଦେଇ, ମନ୍ତ୍ରୀଡ଼ି, ଗୋପାଳପୁର, ଭଞ୍ଜବିହାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। କିନ୍ତୁ ଠିକ ସମୟରେ ଡାକ୍ତର ଆସୁ ନ ଥିବା ଯୋଗୁ ରୋଗୀମାନେ ବାଧ୍ୟ ହୋଇ ନକଲି ଡାକ୍ତରଙ୍କ ନିକଟକୁ ଯାଉଛନ୍ତି। ଡାକ୍ତର ଶିକ୍ଷାଗତ ଯୋଗ୍ୟତା ନଥାଇ ରୋଗୀଙ୍କୁ ମନଇଚ୍ଛା ମେଡ଼ିସିନ ଓ ଇଞ୍ଜେସନ ଦେଉଛନ୍ତି। ଯଦ୍ୱାରା ରୋଗୀ ବେଳେ ବେଳେ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଗୋବିନ୍ଦନଗର, ଗୋଳନ୍ଥରା, ରଣ୍ଡା, କନିଷି ହାଟ, ହଳଦିଆପଦର, ଗଞ୍ଜୁ, କମଳାପୁର, ଗୋପାଳପୁର, କରାପୁଲୀ, ଗୋଳାବନ୍ଧ, ସୋରଳ, ଡୁରା, ଡୁଲୁ, ଜୁଗୁଡ଼ି, ଦୁମୀଦୁମୀ, ମେଣ୍ଢାରାଜପୁର ଓ ଅନ୍ୟ ଗ୍ରାମରେ ନକଲି ଡାକ୍ତରମାନେ କ୍ଲିନିକ୍ ଖୋଲି ଚିକିତ୍ସା କରୁଛନ୍ତି । ସେହିପରି ବିନା ଲାଇସେନ୍ସରେ ଔଷଧ ଦୋକାନ ମଧ୍ୟ ଖୋଲିଛି। ନିୟମିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ଦୋକାନଗୁଡିକ ଯାଞ୍ଚ କରାଯାଉ ନାହିଁ। ଯାହାଦ୍ୱାରା ଅବାଧରେ ଏକ୍ସପାଏରି ଓ ସରକାରୀ ଔଷଧ ବିକ୍ରି ଚାଲିଥିବା ଅଭିଯୋଗ ହେଉଛି। ସୋର୍ଲା ରୋଡ ଜାଗପୁର ରାସ୍ତା ମଝିରେ ଥିବା ହସ୍ପିଟାଲକୁ ଆସୁଥିବା ସବୁ ରୋଗୀଙ୍କୁ ଗୋଟିଏ ପ୍ରକାର ଔଷଧ ପ୍ରଦାନ କରାଯାଉଛି। ଉକ୍ତ ରାସ୍ତା ଦେଇ ଜିଲା ପ୍ରଶାସନ ବରିଷ୍ଠ ଅଧିକାରୀ, ବିଧାୟକ, ମନ୍ତ୍ରୀ ଯାତାୟାତ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

